SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ସେପ୍ଟେମ୍ବର - ୨୦୨୧ SEPTEMBER - 2021

# ଆଶ୍ୱିନ ପୂର୍ଣ୍ଣିମାରେ ଶ୍ରୀସୁଦର୍ଶନ ବିଜେ ଓ ଦ୍ୟୂତକ୍ରୀଡ଼ା ଉତ୍ସବ

ଶାସ୍ତ୍ରରେ ଆଶ୍ୱିନ ପୂର୍ଣ୍ଣିମାକୁ କୁମାର ପୂର୍ଣ୍ଣିମା, ଶରତ୍ ପୂର୍ଣ୍ଣିମା ଏବଂ କୌମୁଦୀ ପୌର୍ଣ୍ଣମାସୀ କୁହାଯାଏ । ଶରତ ପୂର୍ଣ୍ଣିମାର ରାତ୍ରିରେ ଚନ୍ଦ୍ରମାଙ୍କ ଜ୍ୟୋତ୍ସ୍ନାରେ ଅମୃତତ୍ୱ ଏବଂ ଆରୋଗ୍ୟତ୍ୱ ନିହିତ ଥାଏ । ଜୟସିଂହ କଳ୍ପଦ୍ରୁମରେ କୌମୁଦୀ ଶବ୍ଦର ବ୍ୟୁତ୍ପତ୍ତିରେ ଉଲ୍ଲେଖ ଅଛି-

'କୌ ମୁଦନ୍ତି ଜନା ଯସ୍ମାନ୍ନାନାଭର୍ବୈଃ ପରସ୍ପରମ୍ । ହୃଷ୍ଟାସ୍ତୁଷ୍ଟାଃ ସୁଖାପନ୍ନାସ୍ତେନୈଷା କୌମୁଦୀ ସ୍ମୃତା ।' ଉକ୍ତ ତିଥିରେ ଲୋକମାନେ ପରସ୍ପର ନାନା ଭାବରେ ଆନନ୍ଦ ଅନୁଭବ କରି ସୁଖୀ ହେଉଥିବାରୁ ତାହାକୁ କୌମୁଦୀ କୁହାଯାଏ । ବିଷ୍ଣୁପୁରାଣବଚନ ଅନୁସାରେ ଯେଉଁ ଜନ ଆଶ୍ୱିନ ଶୁକ୍ଳ ପଞ୍ଚଦଶୀ ରାତ୍ରିରେ ଜାଗରଣ ପୂର୍ବକ ଅକ୍ଷକ୍ରୀଡ଼ା କରେ ଦେବୀ ଲକ୍ଷ୍ମୀ ତା'ପ୍ରତି ବରଦା ହୁଅନ୍ତି । ଅକ୍ଷକ୍ରୀଡ଼ା ବା ଦ୍ୟୂତକ୍ରୀଡ଼ା ପରମ୍ପରା ଶ୍ରୀମନ୍ଦିରରେ ପ୍ରଚଳିତ ଅଛି । ଭଗବାନ ଶ୍ରୀକୃଷ୍ଣ ଏହି ତିଥିରେ ରାସଲୀଳା ଆରମ୍ଭ କରିଥିଲେ । ଯାହାକୁ ରାସୋତ୍ସବ ବା କୌମୁଦୀ ମହୋତ୍ସବ କହନ୍ତି । ଶ୍ରୀମନ୍ଦିର ପରମ୍ପରା ଅନୁସାରେ ଚକ୍ରରାଜ ଶ୍ରୀସୁଦର୍ଶନ ଭକ୍ତମାନଙ୍କୁ ଦର୍ଶନ ଦେଇ ନଗର ଭ୍ରମଣ ପୂର୍ବକ ପ୍ରାଚୀନ ତିନି ଋଷି ଆଶ୍ରମ ବିଜେ କରିଥାନ୍ତି ।



ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ରତ୍ନସିଂହାସନ ଉପରୁ ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ଖଟଶେଯ ଘରକୁ ବିଜେ କରାଯାଇଥାଏ । ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ଜଗମୋହନରେ ଥିବା ଚଉଦୋଳରେ ବିରାଜମାନ ହୋଇଥାନ୍ତି । ସେଠାରେ ପାଟ, ପତନି, ଚୂଳ, ମାଳ ଆଦିରେ ଶ୍ରୀସୁଦର୍ଶନଙ୍କୁ ଅଳଂକୃତ କଲାପରେ ଚଉଦୋଳକୁ ଝୁଲଣ ମଣ୍ଡପ ତଳକୁ ଅଣାଯାଇ ବିଭିନ୍ନ ସ୍ୱର୍ଣ୍ଣାଳଙ୍କାରେ ଶ୍ରୀବିଗ୍ରହଙ୍କୁ ବିଭୂଷିତ କରାଯାଏ । ଏହାପରେ ବିମାନବଡୁ ସେବକମାନେ ଚଉଦୋଳକୁ ବହନ କରି ଭିତର ବେଢ଼ାରେ ଶ୍ରୀମନ୍ଦିର ଚାରିପଟେ ଥରେ ବୁଲାଇ ଘଣ୍ଟ, ଛତ୍ର, କାହାଳୀ ଆଦି ପଟୁଆର ସହ ସିଂହଦ୍ୱାର ଦେଇ ବଡ଼ଦାଣ୍ଡରେ ମରୀଚିକୋଟ ପର୍ଯ୍ୟନ୍ତ ଆସି ସେଠାରୁ ଗଳି ରାସ୍ତାରେ ଲବଣୀଖିଆ ଛକ, ଦୋଳମଣ୍ଡପ ସାହି ଅଙ୍ଗିରା ଆଶ୍ରମ, ବାଲି ସାହି ଭୃଗୁ ଆଶ୍ରମ, ଗୌଡ଼ବାଡ଼ ସାହି କଣ୍ଡୁ ଆଶ୍ରମରେ ବିଜେ କରିଥାନ୍ତି । ଯେଉଁଠାରେ ପନ୍ତି ଭୋଗ ଏବଂ ବନ୍ଦାପନାଦି ନୀତି ହୋଇଥାଏ । ସେଠାରୁ ବାହୁଡ଼ା ବିଜେରେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଚକଡ଼ାରେ ବିରାଜମାନ କଲାପରେ ପତିମହାପାତ୍ର ସେବକଙ୍କ ଦ୍ୱାରା ପ୍ରସାଦ ଲାଗି ଏବଂ ବନ୍ଦାପନାଦି ନୀତି ପରେ ଚଉଦୋଳକୁ ବିମାନବଡୁ ସେବକମାନେ ଜୟବିଜୟ ଦ୍ୱାର ନିକଟକୁ ନେଇଥାନ୍ତି । ସେଠାରେ ଦଇତାପତିମାନେ ଶ୍ରୀସୁଦର୍ଶନଙ୍କ ରୁନ୍ଧା ଉନ୍ମୋଚନ ପରେ ତାଙ୍କୁ ରତ୍ନ ସିଂହାସନ ଉପରକୁ ବିଜେ କରାଇଥାନ୍ତି । ତାପରେ ରତ୍ନସିଂହାସନ ଧୋପଖାଳ ହୋଇ ଚାରିବାଡ଼ର ମହାସ୍ନାନ ନୀତି ବଢ଼ିଥାଏ । ତାପରେ ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଘରୁ ବାହୁଡ଼ା ବିଜେ କରି ରତ୍ନ ସିଂହାସନକୁ ଆସିବା ପରେ ଶ୍ରୀବିଗ୍ରହମାନଙ୍କର ସର୍ବାଙ୍ଗ ଏବଂ ନୂତନ ବସ୍ତ୍ର ଅଳଙ୍କରଣ ଓ ବେଶ ଅନୁଷ୍ଠିତ ହୁଏ । ସନ୍ଧ୍ୟା ଧୂପ ପୂଜା ଅବସରରେ ଶ୍ରୀସୁଦର୍ଶନଙ୍କ ବାଡ଼ରେ ପ୍ରସାଦଲାଗି, ବନ୍ଦାପନାଦି ନୀତି ସହ ଭୋଗ ଉତ୍ତାରୁ ପାଣି ପଡ଼ିବା ପରେ ଶ୍ରୀମଦନମୋହନ ଦକ୍ଷିଣିଘରୁ ରତ୍ନସିଂହାସନକୁ ବିଜେ କରନ୍ତି । ବାହାର କୁମାର ଉତ୍ସବ ନିମିତ୍ତ ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ଆଜ୍ଞାମାଳ ପ୍ରାପ୍ତ ହେବାପରେ ହସ୍ତରେ ବିଜେ ହୋଇ ସାତପାହାଚ ତଳେ ସ୍ଥିତ ପାଲିଙ୍କିକୁ ଆସିବା ଉତ୍ତାରୁ ମହାଲକ୍ଷ୍ମୀ ମନ୍ଦିରସ୍ଥ ଜଗମୋହନରେ ଥିବା ଖଟ ଉପରେ ବିରାଜମାନ ହୋଇଥାନ୍ତି । ଏଠାରେ ଶ୍ରୀମଦନମୋହନ ଓ ଶ୍ରୀଦେବୀଙ୍କ ମଧ୍ୟରେ ପଶା, ଶକଟା, କଉଡ଼ି ଖେଳ ଅନୁଷ୍ଠିତ ହୋଇ ଶୀତଳ ମଣୋହି ପରେ ବାହୁଡ଼ା ବିଜେରେ ଶ୍ରୀମଦନମୋହନ ଦକ୍ଷିଣି ଘରକୁ ଏବଂ ଶ୍ରୀଦେବୀ ରତ୍ନସିଂହାସନ ଉପରକୁ ଯାଇଥାନ୍ତି ।

ଭିତର ଚନ୍ଦନ ଲାଗି ନୀତି ଏଂବ ବଡ଼ସିଂହାର ବେଶରେ ନୂତନ ପତନୀ ବସ୍ତ୍ର ଓ ଛଅ ମୂର୍ତ୍ତି ସ୍ୱର୍ଣ୍ଣ ଅଳଙ୍କାର ଲାଗି ପରେ ବଡ଼ସିଂହାର ଭୋଗ ବଢ଼ି ଧୋ ପଖାଳ ହୁଏ । ତାପରେ ରତ୍ନସିଂହାସନ ତଳେ ଶକଟା, ପଶା, କଉଡ଼ି ଖେଳ ହୋଇ ସିଂହାସନ ଉପରେ ମଧ୍ୟ ଉକ୍ତ ଖେଳ ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁଙ୍କ ତରଫରୁ ପ୍ରତିନିଧି ମୁଦିରସ୍ତ ଓ ମହାଲକ୍ଷ୍ମୀଙ୍କ ପ୍ରତିନିଧି ଭାବରେ ଭିତରଛ ମହାପାତ୍ର ଉଭୟ ହିଙ୍ଗୁଳ କଉଡ଼ି ୨୧, ରୂପା କଉଡ଼ି ୨୧ ରେ ପଶା, ଶକଡ଼ା ବା ଦ୍ୟୂତକ୍ରୀଡ଼ାରେ ଅଂଶ ଗ୍ରହଣ କରିଥାନ୍ତି । ଦ୍ୟୂତକ୍ରୀଡ଼ାରେ ମହାପ୍ରଭୁ ଦେବୀ ଲକ୍ଷ୍ମୀଙ୍କ ଠାରୁ ହାରିଯିବା ହେତୁ ରତ୍ନସିଂହାସନସ୍ଥ ଶ୍ରୀମାଧବ ବା ବାଳପୁରୁଷୋତ୍ତମ ହସ୍ତରେ ବିଜେ ହୋଇ ସାତଦିନ ପର୍ଯ୍ୟନ୍ତ ମହାଲକ୍ଷ୍ମୀଙ୍କ ମନ୍ଦିରରେ ବନ୍ଧା ରହନ୍ତି । ଅଷ୍ଟମ ଦିବସରେ ଅବକାଶ ପୂଜାଠା ବେଳକୁ ଶ୍ରୀମାଧବ ରତ୍ନସିଂହାସନ ଉପରକୁ ବିଜେ ହୁଅନ୍ତି । ଶ୍ରୀମନ୍ଦିରରେ ଦ୍ୟୂତକ୍ରୀଡ଼ା ଉତ୍ସବର ସ୍ୱାତନ୍ତ୍ର୍ୟ ରହିଛି ।

● *ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ କାଳୀୟଦଳନ ଏକାଦଶୀ :

ତା. ୩.୯.୨୧ରିଖ ଶୁକ୍ରବାର ଦିନ ଦିନ ଏକାଦଶୀ ଦିନ ମଧ୍ୟାହ୍ନ ଧୂପ




ସରିଲାପରେ ମଦନମୋହନ, ରାମକୃଷ୍ଣ ଆଜ୍ଞାମାଳ ପାଇ ପାଲିଙ୍କିରେ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଦେଇ ଲୋକନାଥ ରୋଡ଼ରେ ଥିବା ଲବଣୀଖିଆକୁ ବିଜେ କରିଥିଲେ । ସେଠାରେ ମହାଭୋଇ ଘରର ବୋହୂମାନେ ସର, ଲବଣୀ ଭୋଗ କରିବାସହ ବନ୍ଦାପନା କରିଥିଲେ । ସେଠାରୁ ବିଅଁମାନେ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରିଥିଲେ । ସେଠାରେ 'କାଳୀୟ ଦଳନ ଲୀଳା' ପ୍ରସ୍ତାବ ଆଗତ ହୋଇଥିଲା । ଏହାପରେ ଶୀତଳଭୋଗ, ବନ୍ଦାପନା ହୋଇ ବିଅଁମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ସଂଧ୍ୟାଧୂପ ବେଶରେ ମହାପ୍ରଭୁ ସପ୍ତଫେଣୀ ସର୍ପ ଉପରେ ନୃତ୍ୟ ଭଙ୍ଗୀରେ ଦଣ୍ଡାୟମାନ ସହିତ ଦକ୍ଷିଣହସ୍ତରେ ବଂଶୀ ଓ ଉତ୍ତର ହସ୍ତରେ ସର୍ପର ଲାଙ୍ଗୁଡ଼କୁ ଧରିଥିଲେ । ସଂଧ୍ୟାଧୂପ ସରିଲା ପରେ ଜଗମୋହନକୁ ବିଅଁମାନେ ବିଜେ କରିଥିଲେ । ସେଠାରେ କୁଣ୍ଡାଇବେଣ୍ଟ ସାହି ତରଫରୁ 'ଧେନୁକାସୁର ବଧ ପ୍ରସ୍ତାବ' ଆଗତ ହେବା ପରେ ଶୀତଳଭୋଗ, ବନ୍ଦାପନା ହୋଇ ବିଅଁମାନେ ଦକ୍ଷିଣଘରକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ସାତପୁରୀ ଅମାବାସ୍ୟା ଓ ବସ୍ତ୍ରହରଣ ଲୀଳା :

ତା.୭.୯.୨୧ରିଖ ମଙ୍ଗଳବାର ଦିନ ଭାଦ୍ରବ ଅମାବାସ୍ୟା ତିଥିରେ ଅବକାଶ ପରେ ବେଶ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା । ଗୋପାଳବଲ୍ଲଭ ଭୋଗ ସରିଲା ପରେ ସକାଳ ଧୂପକୁ ସାତପୁରୀ ଭୋଗ ଘଣ୍ଟଛତା କାହାଳୀରେ ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ଭୋଗ ପୂଜା ବସି ସମାପନ ହୋଇ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରିଥିଲେ । ଏହାପରେ ନାରାୟଣ ଅମାବାସ୍ୟା ନିମନ୍ତେ ସାଗର ବିଜେ କରିଥିଲେ । ଅନ୍ୟାନ୍ୟ ନୀତି ହୋଇ ସନ୍ଧ୍ୟାଧୂପ ସମାପନ ପରେ ମଦନମୋହନ ଉତ୍ତରପାର୍ଶ୍ୱ ନାଟପା ମନ୍ଦିର ଖଟକୁ ବିଜେ କରିଥିଲେ । ସେଠାରେ କାଳିକାଦେବୀ ସାହି ତରଫରୁ 'ବସ୍ତ୍ରହରଣ ଲୀଳା ପ୍ରସ୍ତାବ' ଆଗତ ହେଲା ପରେ ଶୀତଳଭୋଗ, ବନ୍ଦାପନା ପରେ ଦକ୍ଷିଣଘରକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ :



ତା. ୧୦.୯.୨୧ରିଖ ଶୁକ୍ରବାର ଦିନ ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀ ତିଥିରେ ସନ୍ଧ୍ୟାଧୂପ ସରିଲା ପରେ ବଟଗଣେଶ ଓ କାଞ୍ଚିଗଣେଶଙ୍କ ନିକଟରେ ଶୀତଳଭୋଗ ଓ ବନ୍ଦାପନା ହେଲା ପରେ ଭୁବନେଶ୍ୱରୀଙ୍କ ନିକଟରେ ଶୀତଳଭୋଗ ବନ୍ଦାପନା ହେବା ପରେ ମୁଳିଆ ସୁଆଁସିଆ ଦେଇଥିବା କାଠ ଭଦ୍ରାସନରେ ବେହେରଣ କରଣମାନଙ୍କ ମାଦଳାପାଞ୍ଜି ରଖାଯାଇ ପତନି ଓ ମାଳଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ହୋଇଥିଲା ଏବଂ ପରେ ୨୨ଟି ନଡ଼ିଆ କରଣମାନଙ୍କ ଦ୍ୱାରା ଭଙ୍ଗା ଯାଇଥିଲା ।

## ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ରହାତୀ ପ୍ରସ୍ତାବ:

ତା. ୨୦.୯.୨୧ ରିଖ ସୋମବାର ଦିନ ଇନ୍ଦ୍ରୋତ୍ସବ ପୂର୍ଣ୍ଣମୀ ଅବସରରେ



ସନ୍ଧ୍ୟା ଆଳତି ପରେ ଶ୍ରୀଦୋଳଗୋବିନ୍ଦ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୋଇ ବଡ଼ଛତା ମଠ ନିକଟରେ ବିଜେ କରିଥିଲେ । ସେଠାରେ ଶୀତଳ ଭୋଗ ହେବା ପରେ ଭିତରଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର,ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ । ବାସେଳୀ ସାହିରୁ 'ଇନ୍ଦ୍ରହାତୀ' ଆସି ନୀତି ସମାପନ କରିଥିଲେ ।

## ଶ୍ରୀମନ୍ଦିରରେ ସହସ୍ରକୁମ୍ଭାଭିଷେକ ଓ ଦେବୀ ଉତ୍ଥାପନ:

ତା. ୨୮.୯.୨୧ ରିଖ ମଙ୍ଗଳବାର ଦିନ ଶ୍ରୀମନ୍ଦିରରେ ଦୁର୍ଗାଙ୍କର ସହସ୍ରାକୁମ୍ଭାଭିଷେକ ନୀତି ଯଥାରୀତି ଅନୁଷ୍ଠିତ ହୋଇଯାଇଛି । ଏହି ଦିନ ସକାଳଧୂପ ସରିଲା ପରେ ଭଣ୍ଡାରରୁ ଦୁର୍ଗା ଦେବୀ ସିଂହାସନକୁ ବିଜେ ହେଲାପରେ ଆଜ୍ଞାମାଳ ପାଇ ସୋମନାଥ (ମାଜଣା) ମଣ୍ଡପ ଖଟକୁ ବିଜେ ହୋଇଥିଲେ । ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ, ଆଚାର୍ଯ୍ୟ, ବ୍ରହ୍ମାବରଣ ହୋଇ ଦୁର୍ଗାଦେବୀଙ୍କୁ ୧୦୦୦ ଗରା ଜଳ ଲାଗି ପରେ ଶ୍ରୀଅଙ୍ଗ ପୋଛା ଯାଇ ବେଶ ହୋଇଥିଲେ । ପରେ ପାଣି ପଡ଼ି ଶୀତଳ ଭୋଗ ବଢ଼ା ହେଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ସାରିବା ପରେ ବନ୍ଦାପନା ନୀତି ବଢ଼ିଥିଲା । ଏହାପରେ ବାହୁଡ଼ା ବିଜେ ହୋଇ ଭଣ୍ଡାର ଦୁଆରକୁ ବିଜେ ହୋଇଥିଲେ । ପରେ ମାଧବ ଆଜ୍ଞାମାଳ ପାଇ ଭଣ୍ଡାର ଦୁଆରକୁ ଆସିବା ପରେ କୋଠ ସୁଆଁସିଆ ଯୋଗାଇଥିବା ଭଦ୍ରାସନରେ ଉଭୟ ଦେବଦେବୀ ଏକତ୍ର ରୁନ୍ଧା ହୋଇଥିଲେ ।

## ଶ୍ରୀମନ୍ଦିରରେ ମୂଳାଷ୍ଟମୀ, ଦ୍ୱିତୀୟା ଓଷା ଏବଂ ଷୋଡ଼ଶଦିନାତ୍ମକ ପୂଜାରମ୍ଭ

ତା.୨୯.୯.୨୧ରିଖ ବୁଧବାର ଦିନ ମୂଳାଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ରଭାବେ ଦ୍ୱିତୀୟା ଓଷା ପାଳନ କରାଯାଇଥିଲା । ଉକ୍ତ ଦିନ ସକାଳ ଧୂପ ସରିଲା ପରେ ଶ୍ରୀଦେବୀ ମହାପ୍ରଭୁଙ୍କର ଆଜ୍ଞାମାଳ ପାଇ ସାତପାହାଚ ଠାରେ ଥିବା ପାଲିଙ୍କିକୁ ବିଜେ ହୋଇଥିଲେ । ସେଠାରୁ ବିମାନବଡୁମାନଙ୍କ ଦ୍ୱାରା ଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡ଼ିଥିବା ଖଟକୁ ବିଜେ ହୋଇଥିଲେ । ସେଠାରେ ମାଜଣା, ବନକଲାଗି, ମାଳଫୁଲ ଲାଗି ହୋଇ ବେଶବଢ଼ି କର୍ପୂର ଲାଗି ହୋଇଥିଲା । ଏହାପରେ ପାଣି ପଡ଼ି ଭୋଗ, ବନ୍ଦାପନା ହୋଇ 'ଲକ୍ଷ୍ମୀବ୍ରତ କଥା ପଠନ'ପୂଜାପଣ୍ଡା କରିଥିଲେ । ପରେ ମଧ୍ୟାହ୍ନ ଧୂପ ଛେକ ଛାମୁକୁ ଆସିବାରେ ଶ୍ରୀଦେବୀ ବାହୁଡ଼ା ବିଜେ ହୋଇ ସିଂହାସନକୁ ବିଜେ କରିଥିଲେ । ସୂଚନାଯୋଗ୍ୟ, ଉକ୍ତ ଦିନ ପ୍ରଥମେ ଆଜ୍ଞାମାଳ ପାଇ ଶ୍ରୀଦେବୀ ବିଜେ ହୋଇଥିଲେ । ପରେ ଦୁର୍ଗାମାଧବ ଆଜ୍ଞାମାଳ ପାଇ ବିମଳା ମନ୍ଦିରକୁ ଯାଇଥିଲେ । ଏହିଦିନ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ବିମଳାଙ୍କ ସମେତ ଅନ୍ୟ ଦେବୀମାନଙ୍କର 'ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ' ହୋଇଥିଲା । ବିମଳାଙ୍କ ନିକଟରେ ସହସ୍ରକୁମ୍ଭ ଅଭିଷେକ ହୋଇଥିଲା । ଏହିଦିନ ସକାଳ ଧୂପ ସରିଲା ପରେ ବିମଳାଙ୍କ ମନ୍ଦିରରେ ବରୁଣ ପୂଜା ହୋଇ ବ୍ରହ୍ମାବରଣ, ଆଚାର୍ଯ୍ୟ ବରଣ, ସ୍ୱସ୍ତିବାଚନ ହୋଇଥିଲା । ଚଣ୍ଡୀ ବରଣ ପରେ ସଂକଳ୍ପ ହୋଇ ପାଣିପଡ଼ି ଛାମୁରେ ଭୋଗ ବଢ଼ାଯାଇଥିଲା । ପୂଜକ ଷୋଡ଼ଶ ଉପଚାରରେ ମଣୋହି କରିଥିଲେ । ଉକ୍ତ ଭୋଗରେ କୋଠଭୋଗ, ମହାପ୍ରସାଦ ପିଷ୍ଟକମାନ, ଥାଳି ଖେଚେଡ଼ି ପୂଜା ସହ ବିମ୍ବଳୀ ବଢ଼ା ଯାଇଥିଲା । ଘଣ୍ଟ, ଛତା, କାହାଳୀ ବାଜୁଥିଲା । ଭୋଗ ସରିଲା ପରେ କର୍ପୂର ଆଳତି, ୨୧ ବତୀ ଆଳତି ବଢ଼ିଥିଲା । ଏହାପରେ ଦୁର୍ଗାମାଧବ ସିଂହାସନରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବିମଳାଙ୍କ ମନ୍ଦିର ନିକଟକୁ ଆସିବା ପରେ ଭିତରଛ ମହାପାତ୍ର ଜଳ ଲାଗି କରିଥିଲେ । ପରେ ଭିତରେ ପଡ଼ିଥିବା ଖଟକୁ ଦୁର୍ଗାମାଧବ ବିଜେ ହେଲା ପରେ ପାଣିପଡ଼ି ଶୀତଳଭୋଗ ହୋଇ ବନ୍ଦାପନା ହୋଇଥିଲା । ଏହିପରି ତିନି ଧୂପ ସରିଲା ପରେ ରାତ୍ର ବଡ଼ସିଂହାରର ଚନ୍ଦନଲାଗି ସରିଲାପରେ, ଦୁର୍ଗାମାଧବ ଚନ୍ଦନଲାଗି ହୋଇ ବଡ଼ସିଂହାର ବେଶ ଏବଂ ଭୋଗ ପରେ ବାହୁଡ଼ା ବିଜେ ହୋଇ ଭଣ୍ଡାର ଦୁଆରେ ଖଟକୁ ବିଜେ ହୋଇଥିଲେ ।


ଉଲ୍ଲେଖଯୋଗ୍ୟ, ଏହିପରି ପ୍ରଥମ ଆଠଦିନ ଦୁର୍ଗାମାଧବ ବିମଳା ମନ୍ଦିରକୁ ପାଲିଙ୍କିରେ ବିଜେ ହେଉଥିବାରେ ପର ଆଠ ଦିନରେ ରଥରେ ବିଜେ ହୋଇ ଦୋଳମଣ୍ଡପ ସାହି 'ନାରାୟଣୀ ମନ୍ଦିର'କୁ ବିଜେ ହୁଅନ୍ତି ।

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ସ୍ୱଉଦ୍ଭଲିପିରେ ଶ୍ରୀମନ୍ଦିର ନୀତି

### (୫୬) - ଚମ୍ପକ ଦ୍ୱାଦଶୀ

ଏହି ନୀତି ରୁକ୍ମିଣୀ ବିବାହ ପରଦିନ ଜ୍ୟେଷ୍ଠ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଅନୁଷ୍ଠିତ ହୁଏ । ଏହି ଦିନ ସକାଳ ଧୂପ ଓ ଭୋଗମଣ୍ଡପ ନୀତି ସରିବା ପରେ ଭିତରେ ଆଲଟ ଲାଗି ହୋଇବ । ଏହାପରେ ୩ ବାଡ଼ରେ ମହାସ୍ନାନ ହୋଇ ନୂଆ ଲୁଗା ଲାଗି ହେବ । ଘଟୁଆରୀ ଘର ଠାରୁ ରୂପା ପିଙ୍ଗଣରେ ପଣ୍ଡା, ପତି, ମୁଦିରସ୍ତ ଚନ୍ଦନ ବିଜେ କରାଇ ଆଣି ଶ୍ରୀଅଙ୍ଗରେ ସର୍ବାଙ୍ଗ ଲାଗି କରାଇବେ । ବେଶ ବଢ଼ି ମଧ୍ୟାହ୍ନ ଧୂପ ହୋଇବ । ମଧ୍ୟାହ୍ନ ଧୂପ ସରି ଭିତରେ ପାଣି ପଡ଼ିଲା ଉତ୍ତାରେ ବର କନ୍ୟା ଭିତରକୁ ବିଜେ ହେବେ । ଏହାପରେ ଭିତରେ ବନ୍ଦାପନା ହେବ । ବନ୍ଦାପନା ସରିଲେ ବରକନ୍ୟା ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ ହୋଇବେ । ବିମାନବଡୁମାନେ ପାଲିଙ୍କି କାନ୍ଧେଇ ବଡ଼ ଦେଉଳର ୪ ପାଖରେ ବେଢ଼ାଏ ବୁଲି ସିଂହଦ୍ୱାର ଦେଇ ରାଜାଙ୍କ ନଅରକୁ ବିଜେ କରାଇବେ । ରାଜା ନିଜେ ଠାକୁର ଠାକୁରାଣୀଙ୍କୁ ବାଟରୁ ପାଛୋଟି ନେଇ ନଅର ଅଗଣା ଭିତରେ ପଡ଼ିଥିବା ଖଟରେ ବିଜେ କରାଇବେ । ଏଠାରେ ପଞ୍ଚୋପଚାରରେ ପୂଜା ହେବ । ମହାସୁଆରମାନେ ତିଆରି କରିଥିବା ପିଠା, ପଣ୍ଡା ମଣୋହି କରାଇବେ । ପ୍ରସାଦ ଲାଗି ଓ ବନ୍ଦାପନା ହେବ । ରାଜା ଛାମୁରେ ଠିଆ ହୋଇ ବନ୍ଦାପନା କରିବେ । ଘମର ଆଲଟ କରିବେ । ଏହାପରେ ନଅର ଭିତର ଶୋଧ ହୋଇ ସେବକମାନେ ବାହାରକୁ ଆସିବେ । ନଅରର ସିଂହଦ୍ୱାର ବନ୍ଦ ହେବ । ଉଆସରୁ ରାଣୀ ଓ ରାଜ ପରିବାରବର୍ଗ ଆସି ବରକନ୍ୟାଙ୍କୁ ବନ୍ଦାପନା କରି ବିଧି ଅନୁସାରେ ଭେଟ ଦେବେ । ରାଣୀ ଓ ରାଜ ପରିବାରବର୍ଗ ଭିତରକୁ ଗଲେ ସିଂହଦ୍ୱାର ଖୋଲିବ । ମହାଜନେ ବରକନ୍ୟାଙ୍କୁ ହାତରେ ବିଜେ କରାଇ ଆଣି ପାଲିଙ୍କିରେ ବିଜେ କରାଇବେ । ବିମାନବଡୁମାନେ ପାଲିଙ୍କି କାନ୍ଧେଇ ଜମ୍ବେଶ୍ୱର ମହାଦେବଙ୍କ ମନ୍ଦିରକୁ ନେବେ । ସେଠାରେ ପଞ୍ଚଗ୍ରାସୀ ଭୋଗ ହେବ । ବନ୍ଦାପନା ହେବ । ବନ୍ଦାପନା ସରିଲେ ବରକନ୍ୟା ବାହୁଡ଼ା ବିଜେ ହେଶଇ ଦକ୍ଷିଣ ଘରକୁ ବିଜେ କରିବେ । ଇତିମଧ୍ୟରେ ବଡ଼ ଦେଉଳରେ ସନ୍ଧ୍ୟାଧୂପ ସରିଥିବ । ବରକନ୍ୟା ବାହୁଡ଼ା ବିଜେ କରିବା ଉତ୍ତାରେ ଭିତରେ ଆଲଟ ଲାଗି ହେବ, ଚନ୍ଦନ ଲାଗି ହେବ । ବଡ଼ସିଂହାର ଭୋଗ ସରିଲେ ବରକନ୍ୟା ଭିତରକୁ ବିଜେ କରିବେ । ଅବଶିଷ୍ଟ ଦୈନନ୍ଦିନ ନୀତି ହୋଇ ବରକନ୍ୟା ଭିତରେ ଥାଇ ପହୁଡ଼ ହେବ ।



### (୫୮) ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ

ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀଠାରୁ ଶ୍ରୀଜଗନ୍ନାଥଙ୍କ ଆମଦାନୀ ଦଇତାପତି ନେବେ । ଏ ଦିନ ରାତ୍ର ବଡ଼ସିଂହାର ସରିବା ପରେ ବରକନ୍ୟା ଦକ୍ଷିଣ ଘରକୁ ବିଜେ କରିବେ । ସରସ୍ୱତୀ ଓ ମାଧବ ଖଟ ଶେଯ ଘରେ ବିଜେ କଲା ଉତ୍ତାରେ ପାଳିଆ ପଶୁପାଳକ ଝୋବାକଣ୍ଠି ମଇଲମ କରି ଭଣ୍ଡାରମେକାପ ଜିମା ଦେବେ ଓ ଶ୍ରୀମୁଖ ଖଣ୍ଟୁଆ ପକାଇ ବାହାରି ଆସିବେ । ଦଇତା ଭିତରକୁ ଯାଇ ବାହୁଟ କଣ୍ଠ କରିବେ । ସୁଦର୍ଶନଙ୍କୁ ବଡ଼ ବାଡ଼ କୋଣରେ ଖଟୁଲି ଉପରେ ବିଜେ କରାଇବେ । କୋଠ ସୁଆସିଆଁମାନେ ଜଗମୋହନରେ ଥିବା ମାଲଖୟମାନ ଭିତର ସିଂହାସନଠାରୁ ତଳକୁ ଘର ବାଡ଼ ବାନ୍ଧିବେ ।

### ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ

ଏହି ଦିନ ସକାଳେ ଘରମାଳ ବନ୍ଧା ସରିବା ପରେ ଦଇତାମାନେ ପତି ମହାପାତ୍ରସହ ସିଂହାସନ ଉପରକୁ ଯାଇ ମାଳ ଫୁଲ ମଇଲମ କରି ରୁନ୍ଧା ହୋଇଥିବା ରସିକ ଶିକୁଳି ଓ ଶୁଆ ଥଣ୍ଟିଆ ମଇଲମ କରି ଭଣ୍ଡାର ମେକାପକୁ ଦେବେ । ସେନାପଟା ଲାଗି କରାଇବେ । ଏହାପରେ ସୁଦର୍ଶନଙ୍କୁ ସିଂହାସନ ଉପରେ ବିଜେ କରାଇବେ । ସରସ୍ୱତୀ ଓ ମାଧବଙ୍କୁ ସିଂହାସନେ ପରେ ବିଜେ କରାଇବେ । ଏହାପରେ ଦୈନନ୍ଦିନ ମଙ୍ଗଳ ଆଳତି ହେବ । ଘରଥିବା ଯୋଗୁଁ ଅଣସର ପିଣ୍ଡିରେ ଅବକାଶ ନୀତି ହେବ । ଭିତରେ ବେଶ ବଢ଼ିବ । ଏହାପରେ ସକାଳ ଧୂପ (ଅଣସର ପିଣ୍ଡିତରେ) ଆଲଟ ଓ ଚନ୍ଦନ ଲାଗି ହେବ । ଏହିପରି ସନ୍ଧ୍ୟା ଧୂପ ଯାଏ ନୀତି ହୋଇବ । ସମସ୍ତ ଧୂପରେ (ଭୋଗମଣ୍ଡପ ଛଡ଼ା) ଘର ଥିବା ଯୋଗୁ ମୂରୁଜ ନପଡ଼ି ଜୟ-ବିଜୟ ଦ୍ୱାର ବନ୍ଦ ରହି ଅଣସର ପିଣ୍ଡିରେ ଭୋଗ ବଢ଼ାଯିବ । ଦକ୍ଷିଣ ଦ୍ୱାର ପ୍ରତିହାରୀ ଭୋଗ ଡାକିଯିବ । ସନ୍ଧ୍ୟାଧୂପ ସରିବା ପରେ ଦକ୍ଷିଣଘର ଠାରେ ପଣ୍ଡା, ପତି, ମୁଦିରସ୍ତ ଥାଇ ବରକନ୍ୟାଙ୍କର ଚତୁର୍ଥୀ ହୋମ କରିବେ । ବଡ଼ସିଂହାର ଭୋଗ ସରି ପାଣି ପଡ଼ିଲାପରେ ବରକନ୍ୟା ଭିତରକୁ ବିଜେ କରିବେ । ଏହାପରେ ଅବଶିଷ୍ଟ ଦୈନନ୍ଦିନ ନୀତି ହୋଇ ପହୁଡ଼ ଆଳତି ହେବ । ଆଳତୀ ବଢ଼ିବା ପରେ ବରକନ୍ୟା ବାହୁଡ଼ା ବିଜେ ହୋଇ ଦକ୍ଷିର ଘରେ ବିଜେ କରିବେ । ସରସ୍ୱତୀ ଓ ମାଧବ ଖଟ ଶେଯ ଘରେ ବିଜେ ହେବେ । ଏହାପରେ ମଙ୍ଗଳାର୍ପଣ ହୋଇ ସ୍ନାନଯାତ୍ରା ବିଜେ ଆରମ୍ଭ ହେବ ।●

---

ଜାଣିବା କଥା ...

## ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ ବ୍ୟବହୃତ 'କୈବଲ୍ୟ'ର ମାହାତ୍ମ୍ୟ କ'ଣ ?

ଉ - କେବଳ ଭାବ । ଦେହ ଓ ଇନ୍ଦ୍ରିୟ ତ୍ୟାଗ କରି ଆତ୍ମାର କେବଳତ୍ୱ । ପରମାତ୍ମାଙ୍କ ସହିତ ଜୀବାତ୍ମର ମିଳନ । ପୂର୍ଣ୍ଣାନନ୍ଦ । ଅଖଣ୍ଡ ଆନନ୍ଦ । ସଂସାର ମୁକ୍ତି, ଦୁଃଖ ନିବୃତ୍ତି ରୂପ ମୋକ୍ଷ । ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କର ଅନ୍ନଭୋଗ ବା ମହାପ୍ରସାଦ । କଳିଯୁଗରେ ଶ୍ରୀଜଗନ୍ନାଥଙ୍କର କୈବଲ୍ୟ (ମହାପ୍ରାସଦ) କଣିକା ମୁମୂର୍ଷୁ ଲୋକଙ୍କ ମୁହଁରେ ଦେଇ ପରଲୋକ ପ୍ରାପ୍ତିର ପଥ ସୁଗମ କରି ଦିଆଯାଇଥାଏ ।

୨. ପ୍ର - ଶ୍ରୀମନ୍ଦିରରେ 'କୈବଲ୍ୟ ହାଟ' କହିଲେ କ'ଣ ବୁଝାଯାଏ ?

ଉ - କୈବଲ୍ୟ ବିକ୍ରୀ ହେବା ସ୍ଥାନ ଅର୍ଥାତ୍ ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ଥିବା ଆନନ୍ଦ ବଜାର ।

୩. ପ୍ର - ଶ୍ରୀମନ୍ଦିରରେ 'କୈବଲ୍ୟ ପସରା' କହିଲେ କ'ଣ ବୁଝାଯାଏ ?

ଉ - କୈବଲ୍ୟ ବିକ୍ରୀ ନିମନ୍ତେ ବିଭିନ୍ନ ଦ୍ରବ୍ୟ କୁଡୁଆ, ହାଣ୍ଡିରେ ଏକତ୍ର ରଖିବା ପାତ୍ର ।

(ଖ)

୪. ପ୍ର - ଶ୍ରୀମନ୍ଦିରରେ 'ଖଇ'ର ବ୍ୟବହାରିକତା କ'ଣ ?

ଉ - ଧାନକୁ ଭାଜିଲେ ଖଇ ହୁଏ । ଶ୍ରୀଜଗନ୍ନାଥଙ୍କ ଝୁଲଣ ଯାତ୍ରାରେ ଏହି ଭୋଗ କରାଯାଏ ।

୫. ପ୍ର - ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା 'ଖଇର ଚୂଳ'ର ଅର୍ଥ କ'ଣ ?

ଉ - ଏହା ଶ୍ରୀମନ୍ଦିରରେ ଏକ ପ୍ରକାର ପିଷ୍ଟକ ବିଶେଷ । ଘଉଳ ଚୂନା, ଗୁଡ଼ ଓ ଗୋଲମରିଚରେ ତିଆରି ବଡ଼ ଚୂଳିଆ ଲଡୁ । ଏହା ଠାକୁରଙ୍କର କୋଠ ଭୋଗରେ ଓ ଦ୍ୱିପ୍ରହର ଧୂପରେ ଲାଗି ହୁଏ । ଏତଦ୍ ବ୍ୟତୀତ ଅନେକ ବିଶିଷ୍ଟ ପୂଜାପର୍ବରେ ମଧ୍ୟ ଠାକୁରଙ୍କ ଭୋଗରେ ଲାଗି କରାଯାଏ ।

୬. ପ୍ର - ଶ୍ରୀମନ୍ଦିରରେ 'ଖଟଣି' କହିଲେ କ'ଣ ବୁଝାଯାଏ ?

ଉ - ବରାଦିଆ ମହାପ୍ରସାଦ । ଦେବତାଙ୍କ ନିକଟରେ ଖଞ୍ଜା ଥିବା ଦୈନିକ ଭୋଗ । ରାଜା ଓ ଦେବତାଙ୍କ ସେବାରେ ନିୟୋଜିତ ଭୃତ୍ୟଦଳଙ୍କୁ ଖଟଣିଆ କହନ୍ତି । ଶ୍ରୀମନ୍ଦିରର ଶ୍ରୀଜୀଉଙ୍କ ସେବାକାରୀଙ୍କୁ କାବ୍ୟ ସାହିତ୍ୟରେ ଖଟଣି ସାମନ୍ତ ବୋଲି କୁହାଯାଏ ।

●*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*


ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା



ବନଭୋଜି ବେଶ



ମାର୍କଣ୍ଡ ପଷ୍କରିଣୀରେ କାଳୀୟଦଳନ ନୀତି



କାଳୀୟଦଳନ ବେଶ



କଂସ ବଧ



ଲବଣୀଖିଆରେ ମହାଭୋଇ କୂଳବଧୂଙ୍କ ବନ୍ଦାପନା



କେକେଶୀ ବଧ ନୀତି



ପ୍ରଳମ୍ବାସୁର ବଧ ବେଶ



ପ୍ରଳମ୍ବାସୁର ବଧ ନୀତି



କୃଷ୍ଣବଳରାମ ବେଶ

# ଫଟୋରେ ଖବର...



ତା. ୬.୯.୨୧ରେ ସପ୍ତପୁରୀ ଅମାବାସ୍ୟା ପରିପ୍ରେକ୍ଷୀରେ ଅଠରନଳାସ୍ଥିତ ମା' ଅଲାମଚଣ୍ଡୀ ମନ୍ଦିରରୁ ପାରମ୍ପରିକ ଭାବେ ଶ୍ରୀମନ୍ଦିରକୁ ସାତପୁରୀ ତାଡ଼ ବିଜେ କରାଯାଉଛି ।



ତା. ୭.୯.୨୧ରେ ସପ୍ତପୁରୀ ଅମାବାସ୍ୟା ପରିପ୍ରେକ୍ଷୀରେ ଶ୍ରୀନାରାୟଣଙ୍କ ସାଗର ବିଜେ ।




ତା. ୮.୯.୨୧ରେ ଶ୍ରୀମନ୍ଦିର ଦର୍ଶନ ନୂତନ ମାର୍ଗଦର୍ଶିକା ନେଇ ପରିଚାଳନା କମିଟି ସଦସ୍ୟ ଓ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ସହ ଭିଡ଼ିଓ କନ୍‌ଫରେନ୍ସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଆଲୋଚନା ।



ତା. ୯.୯.୨୧ରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର୍ ଗଣେଶୀଲାଲ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୧୪.୯.୨୧ରେ ରାଧାଷ୍ଟମୀ ତିଥି ଅବସରରେ ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ପ୍ରତିନିଧି ଶ୍ରୀସୁଦର୍ଶନ ଶ୍ରୀମନ୍ଦିରର ବାର୍ଷିକ ଆୟବ୍ୟୟର ହିସାବ ବୁଝିବା ନିମନ୍ତେ ଶ୍ରୀଯମେଶ୍ୱର ମନ୍ଦିରକୁ ବିଜେ କରୁଛନ୍ତି ।



ତା. ୨୫.୯.୨୧ରେ ଉଚ୍ଚତମ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ଏନ୍.ଭି.ରମନ୍ନା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଗହଣରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।

*ଯୁଗେ ଯୁଗେ ରଥଯାତ୍ରା ...*

## ଇଷ୍ଟ ଇଣ୍ଡିଆ କମ୍ପାନୀ ଅମଳରେ ରଥଯାତ୍ରା ଏବଂ ମନ୍ଦିର ସମ୍ପର୍କିତ ସଂବାଦ

ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ କାଳରେ ପୁରୀ ରଥଯାତ୍ରାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

### (୮) ୧୮୨୩ ମସିହା ପୁରୀ ମନ୍ଦିର ସଂପର୍କୀତ ସଂବାଦ

୧୮୨୩ ମସିହାରେ ପୁରୀଠାରୁ ଆରକ୍‌ଡେକନ୍ କ୍ୟୁରିଙ୍କ ଲେଖା ଚିଠି ।

ମିଶ୍ନାରୀ ରେଜିଷ୍ଟର - ୧୮୨୪ ପୃ- ୫୮୭ ।

ଦୁଇ ବର୍ଷର ଆଂଶିକ ବିପ୍ଳବର ଘଟଣାକୁ କେନ୍ଦ୍ର କରି ପୂଜାରୀମାନେ ପ୍ରକାଶ କଲେ ଯେ ଜଗନ୍ନାଥ ଆଉ ଅଧିକ ଦିନ ଇଂରେଜମାନଙ୍କୁ ଭାରତରେ ରହିବାକୁ ଦେବେ ନାହିଁ ଏବଂ ସେମାନଙ୍କୁ ବିତାଡ଼ିତ ନ କରିବା ଯାଏଁ ସେ ମନ୍ଦିରକୁ ଫେରିବେ ନାହିଁ ଏବଂ ଏଥି ନିମନ୍ତେ ସେମାନେ ଏକ ନିର୍ଦ୍ଦିଷ୍ଟ ଦିନ ମଧ୍ୟ ଧାର୍ଯ୍ୟ କରିଥିଲେ । ଏହି ଘଟଣା ଜିଲ୍ଲାର ଜେନେରାଲ୍ କମାଣ୍ଡିଂଙ୍କୁ ବିଦ୍ରୋହର ସୂଚନା ପରି ଜଣା ପଡ଼ିଥିଲା ଏବଂ ସେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏକ ବ୍ୟକ୍ତିଗତ ଚିଠିରେ ଆଦେଶ ଦେଇଥିଲେ ଯେ, ଯଦି ବିଗ୍ରହ ଠିକ୍ ସମୟରେ ମନ୍ଦିରକୁ ନ ଫେରନ୍ତି, ସେ ତା' ହେଲେ ଜବରଦସ୍ତି ବିଗ୍ରହମାନଙ୍କୁ ପୁନଃ ଅଧିଷ୍ଠିତ କରିବେ ଏବଂ ମନ୍ଦିରକୁ ସାମରିକ ବାହିନୀର ଅଧୀନରେ ରଖିବେ । ସ୍ୱଦେଶୀୟ ସରକାରଙ୍କ ତରଫରୁ ସେବାୟତମାନଙ୍କୁ ଏକ ନୋଟିସ୍ ଜାରୀ କରିବା ପରେ ଜଗନ୍ନାଥ ନିର୍ଦ୍ଧାରିତ ସମୟ ପୂର୍ବରୁ ମନ୍ଦିରକୁ ଫେରିଥିଲେ ।

(ଅନୁବାଦିତ)

### (୯) ୧୮୨୫ ମସିହା ରଥଯାତ୍ରା ସଂପର୍କୀତ ସଂବାଦ

ଏନ୍‌ଡ୍ରିଉ ଷ୍ଟାର୍‌ଲିଂ- ଆକାଉଣ୍ଟ ଅଫ୍ ଓଡ଼ିଶା,

ଏସିଆଟିକ୍ ରିସର୍ଚ୍ଚେସ - ୧୮୨୫ ।

ଅତିରିକ୍ତ ଧର୍ମୋନ୍ମତ୍ତତା, ଯାହାକି ତୀର୍ଥଯାତ୍ରୀମାନଙ୍କୁ ରଥ ଚକ ତଳେ ଜୀବନ ଦେବାକୁ ପ୍ରବର୍ତ୍ତାଇ ଥିଲା, ତାହା ଅତି ସହଜରେ ବର୍ତ୍ତମାନର ପୂଜାରୀମାନଙ୍କ



ପ୍ରେରଣାରେ ବନ୍ଦ ହୋଇ ପାରିଥିଲା । ମୋର ଅନୁଭୂତିରେ ଦୀର୍ଘ ଋରିବର୍ଷ ଭିତରେ ମାତ୍ର ତିନୋଟି ଏହିଭଳି ଘଟଣା ମୁଁ ଘଟିବାକୁ ଦେଖିଛି । ଏହା ମଧ୍ୟରେ ଗୋଟିଏ ଖୁବ୍ ସମ୍ଭବତଃ ଦୁର୍ଘଟଣା ବୋଲି ବର୍ଣ୍ଣନା କରା ଯାଇପାରେ ଏବଂ ଅନ୍ୟ ଦୁଇଜଣଙ୍କୁ ଆତ୍ମହତ୍ୟାକାରୀ ବୋଲି ଦୋଷୀ ସାବ୍ୟସ୍ତ କରା ଯାଇପାରେ । ସେମାନେ ତୀବ୍ର ଦୁଃଖ ଯନ୍ତ୍ରଣାରେ କାଳିତିପାତ କରୁଥିଲେ ଏବଂ ଜୀବନ ଜଞ୍ଜାଳରୁ ରକ୍ଷା ପାଇବା ନିମନ୍ତେ ଆତ୍ମହତ୍ୟାର ଅନ୍ୟାନ୍ୟ ପନ୍ଥା ଛାଡ଼ି ଏହି ଉପାୟଟିକୁ ବାଛି ନେଇଥିଲେ ।

(ଅନୁବାଦିତ)

### (୧୦) ୧୮୨୬ ମସିହା ରଥଯାତ୍ରା ସଂପର୍କୀତ ସଂବାଦ

ରେଭରେଣ୍ଡ ଲାସି ୧୮୨୬ ମସିହା ଜୁଲାଇ ମାସରେ 'ହିଷ୍ଟ୍ରି ଅଫ ଜେନେରାଲ ବାପଟିଷ୍ଟ ମିଶନ୍' ପୁସ୍ତକରେ ଉଲ୍ଲେଖ କରିଛନ୍ତି-

ଜଗନ୍ନାଥ ମହାପ୍ରଭୁଙ୍କ ରଥ ମାଡ଼ିଯିବା ଦ୍ୱାରା ଜଣେ ଗରୀବ ଲୋକର ଶରୀର ଖଣ୍ଡ ଖଣ୍ଡ ହୋଇ ଯାଇଥିଲା । ବିରାଟକାୟ ଚକଗୁଡ଼ିକ ତାଙ୍କର କଟିଦେଶ ଉପର ଦେଇ ମାଡ଼ିଯିବାରୁ ତାଙ୍କ ଶରୀର ଉପର ଅଂଶ ତଳ ଅଙ୍ଗପ୍ରତ୍ୟଙ୍ଗ ଠାରୁ ଅଲଗା ହୋଇ ଯାଇଥିଲା । ତାଙ୍କ ଅନ୍ତନଳୀ ଓ ରକ୍ତ ବାହାରି ପଡ଼ିବାର ଦୃଶ୍ୟ ଅତ୍ୟନ୍ତ ମର୍ମାନ୍ତିକ ହୋଇଥିଲା । ମୋ ଅଭିଜ୍ଞତାରେ ଏହା ଏକ ଭୟଙ୍କର ଦୃଶ୍ୟ ଥିଲା । ରଥର ଏହି ଚକଗୁଡ଼ିକ ସତେ ଯେପରି ଏହି ଅଭୀଷ୍ଟ ଫଳ ପ୍ରଦାନ ପାଇଁ ତିଆରି କରାଯାଇଛି । ଗରୀବ ହତଭାଗ୍ୟ ଲୋକଟି ରଥ ତଳେ ନିଜକୁ ନିକ୍ଷେପ କରି ଆତ୍ମସମର୍ପଣ କଲା ଏବଂ ହିନ୍ଦୁସ୍ଥାନୀ ବ୍ରାହ୍ମଣମାନଙ୍କ ନିକଟରେ ଜଣେ ସମ୍ମାନନୀୟ ବ୍ୟକ୍ତି ଭାବରେ ପରିଗଣିତ ହେଲା । କେତେକ ନିର୍ଦ୍ଦୟ ହତଭାଗ୍ୟ ଲୋକ କହିବାକୁ ଲାଗିଲେ ଦେଖ ଜଗନ୍ନାଥଙ୍କ ମହିମା ।

● (ଅନୁବାଦିତ)

*ଐତିହ୍ୟ ପୃଷ୍ଠାରୁ ...*

## ନୀଳାଦ୍ରିରେ ତୋତାଦ୍ରିଗାଦୀର ଜୀୟରସ୍ୱାମୀ ମଠ

ଦକ୍ଷିଣ ଭାରତର ତୋତାଦ୍ରି ପାହାଡ଼ ଉପରେ ସାଧନାରତ ଥାଆନ୍ତି ତୋତାପୁରୀ ସ୍ୱାମୀ । ଶିଷ୍ୟମାନେ ତାଙ୍କୁ 'ତୋତାଦ୍ରିସ୍ୱାମୀ' ନାମରେ ସମ୍ବୋଧନ କରନ୍ତି । ଏଇ ପାହାଡ଼ ଉପରେ ଥିବା ଅସ୍ଥାନଟି ଶ୍ରୀରାମାନୁଜଙ୍କ ପରମ୍ପରାରେ 'ତୋତାଦ୍ରିଗାଦୀ' ରୂପେ ପରିଚିତ ଥିଲା । ଆମେ ଜାଣିଛେ ଶ୍ରୀରାମାନୁଜ ଆଚାର୍ଯ୍ୟ ଶ୍ରୀରଙ୍ଗମ୍ ଠାରେ ସମାଧି ନେବା ପରେ ଭାରତରେ ଆଠଟି ଗାଦି ସୃଷ୍ଟି ହୋଇଥିଲା । ତା' ମଧ୍ୟରେ ତୋତାଦ୍ରିଗାଦି ଅନ୍ୟତମ ।

ଦିନେ ଯୋଗରୂଢ଼ ଅବସ୍ଥାରୁ ଉଠି ତୋତାଦ୍ରିସ୍ୱାମୀ ଶିଷ୍ୟମାନଙ୍କ ଆଗରେ ଘୋଷଣା କଲେ - ନୀଳାଦ୍ରି କ୍ଷେତ୍ର ହେଉଛି ଦିବ୍ୟକ୍ଷେତ୍ର, ସେଠାକୁ ଯିବା । ଶିଷ୍ୟମାନଙ୍କ ସହ ଆସି ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଗଲେ । ଗୁରୁ ପରମ୍ପରାରେ ଜାଣିଥିଲେ ଶ୍ରୀଜଗନ୍ନାଥ ହେଉଛନ୍ତି ସାକ୍ଷାତ୍ ଶ୍ରୀମନ୍ ନାରାୟଣ । କିନ୍ତୁ ସେ କ'ଣ ଦେଖୁଛନ୍ତି- ଇୟେ ତ ସାକ୍ଷାତ ବେଣୁଗୋପାଳ ସ୍ୱାମୀ !!!

ତନ୍ମୟ ହୋଇଗଲେ ରତ୍ନସିଂହାସନରେ ନିଜର ଉପାସ୍ୟ ଶ୍ରୀବେଣୁଗୋପାଳ ସ୍ୱାମୀ ରୂପରେ ଶ୍ରୀଜଗନ୍ନାଥଙ୍କୁ ଦେଖି । କ'ଣ ବିଚାରିଲେ କେଜାଣି ଶ୍ରୀମନ୍ଦିରରୁ ଫେରିଆସି ଶିଷ୍ୟମାନଙ୍କୁ କହିଲେ- ନୀଳାଦ୍ରିରେ ଆସ୍ଥାନଟିଏ କର । ଶ୍ରୀବେଣୁଗୋପାଳ ସ୍ୱାମୀଙ୍କୁ ପ୍ରତିଷ୍ଠା କରି ଶ୍ରୀଜଗନ୍ନାଥ ପ୍ରାଣ ହୁଅ । ଫେରିଗଲେ ନିଜଗାଦୀକୁ । ବିଚାର ହେଲା ଶିଷ୍ୟମାନଙ୍କ ମଧ୍ୟରେ ଯିଏ ଆଗ ଧାଡ଼ିର ସନ୍ନ୍ୟାସୀ ସେହି ନୀଳାଦ୍ରି ଯିବେ । ଆସ୍ଥାନ ପ୍ରତିଷ୍ଠା ବ୍ୟବସ୍ଥା କରିବେ ।

ଶ୍ରୀସଂପ୍ରଦାୟରେ ଶ୍ରୀବୈଷ୍ଣବ ସନ୍ନ୍ୟାସୀ ଦଣ୍ଡ ଧାରଣ କରି କଷାୟବସ୍ତ୍ର ପରିଧାନ କରିବା ପରେ ତାଙ୍କ ନାମ ପୂର୍ବରୁ 'ଜୀୟର' ଶବ୍ଦ ବ୍ୟବହାର ହୁଏ । ଜୀୟର ଶବ୍ଦର ଅର୍ଥ ଆଗ ଧାଡ଼ିର ବିଶିଷ୍ଟ ସନ୍ନ୍ୟାସୀ । ଜୀୟରସ୍ୱାମୀ ପଦବୀ ବ୍ୟବହାର କରି ଯେଉଁ ସନ୍ନ୍ୟାସୀ ନୀଳାଦ୍ରି କ୍ଷେତ୍ରକୁ ଆସି ଆସ୍ଥାନ କଲେ ତାଙ୍କ ନାମ ଆଉ ପ୍ରସିଦ୍ଧ ହେଲାନାହିଁ । ପଦବୀ ପ୍ରସିଦ୍ଧ ହୋଇଗଲା । ସେହି ଆସ୍ଥାନଟି ଲୋକମୁଖରେ ପରିଣତ ହେଲା ଜୀୟରସ୍ୱାମୀ ମଠ ନାମରେ ।

ମଠରେ ନଅ ମୂର୍ତ୍ତି ଦେବଦେବୀ ପ୍ରଥମେ ସ୍ଥାନ ପାଇଥିଲେ । ସେଇ ନଅମୂର୍ତ୍ତିଙ୍କ ନାମରେ ଆସ୍ଥାନର ଜମି ଦରଜ ହୋଇଯାଇଛି । ମୁଖ୍ୟ ଭାବରେ ଉପାସିତ ହେଲେ ଶ୍ରୀବେଣୁ ଗୋପାଳ ସ୍ୱାମୀ । ପ୍ରତିଷ୍ଠା ଦିବସଟି ଆଜି ବି 'ବ୍ରହ୍ମୋତ୍ସବ' ଦିବସ ରୂପେ ପାଳିତ ହେଉଛି । ଶ୍ରୀରାମାନୁଜଙ୍କ ଜୟନ୍ତୀ ଏଠାରେ ଦଶ ଦିନ ଧରି ପାଳିତ ହୋଇ 'ଶ୍ରୀ' ପରମ୍ପରାରେ ଶ୍ରୀଜଗନ୍ନାଥଙ୍କ ଉପାସନା ରହସ୍ୟ ଚର୍ଚ୍ଚା ହେଉଛି । ଗୋଦାମ୍ବା ଉତ୍ସବ ଏବଂ ଝୁଲଣ ଯାତ୍ରା ଏଠାରେ ଖୁବ୍ ଆକର୍ଷଣୀୟ । ନବଦିନ ରଥଯାତ୍ରା ଅବସରରେ ମଠର ମହୋତ୍ସବ ସାଂସ୍କୃତିକ ସଂହତିର ପ୍ରାଣ । ପ୍ରତିଦିନ ମହାପ୍ରଭୁଙ୍କୁ ହେଉଥିବା ମହାପ୍ରସାଦ ସଭିଙ୍କୁ ବାଣ୍ଟି ଦିଆଯାଏ । ରଥ ଭୋଗ ପରମ୍ପରା ଶ୍ରୀବେଣୁଗୋପାଳ ସ୍ୱରୂପ ଶ୍ରୀଜଗନ୍ନାଥଙ୍କ ନିକଟରେ ଶୋଭାଯାତ୍ରାରେ ପରିଣତ ହୋଇଛି ।


*ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ପୂର୍ବତନ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ,*
*● (ଦୋଳମଣ୍ଡପ ସାହି), ପୁରୀ-୧*

## ଅକ୍ଟୋବର ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୨.୧୦.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ଇନ୍ଦିରା ଏକାଦଶୀ |
| ତା. ୬.୧୦.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ମହାଳୟା |
| ତା. ୭.୧୦.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଦୁର୍ଗାମାଧବଙ୍କ ବାହାର ବିଜେ |
| ତା. ୧୧.୧୦.୨୧ ରିଖ ସୋମବାର | ଶ୍ରୀମନ୍ଦିରରେ ମହାସପ୍ତମୀ |
| ତା. ୧୨.୧୦.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ମହାଅଷ୍ଟମୀ |
| ତା. ୧୩.୧୦.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ମହାନବମୀ |
| ତା. ୧୫.୧୦.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଦଶହରା ଓ ଆୟୁଧ ପୂଜା |
| ତା. ୧୬.୧୦.୨୧ ରିଖ ଶନିବାର | ଶ୍ରୀଜୀଉଙ୍କ ରାଧାଦାମୋଦର ବେଶ ଓ ବାଲଧୂପ ଆରମ୍ଭ |
| ତା. ୧୭.୧୦.୨୧ ରିଖ ରବିବାର | ଗର୍ଭଣା ସଂକ୍ରାନ୍ତି |
| ତା. ୨୦.୧୦.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ |

# ସେ କାଳର ସୈନିକ ଏ କାଳର ସାଧକ

ବହୁତ ଦିନ ତଳର କଥା । ପଞ୍ଜାବ ଅଞ୍ଚଳର ଜଣେ ସାଧୁ ବାହାରିଲେ ପୁରୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ । ସେ ସଂକଳ୍ପ କଲେ ଦଣ୍ଡବତୀ ସାଧନା କରି କରି ପୁରୀ ଯିବା ପାଇଁ । ପଞ୍ଜାବରୁ ପୁରୀ ବହୁ ଦୂର । ଦଣ୍ଡବତ କରି ଯିବା ପାଇଁ କେତେବେଳେ କୋଉ ସଡ଼କ ଦେଇ ଯିବାକୁ ହେବ, ଠିକଣା ନାଇଁ । ପ୍ରଥମେ ଠିଆ ହୋଇ ଦଣ୍ଡବତ କରିବେ । ତାପରେ ପାହାଁପଡ଼ି ପଡ଼ି ଦଣ୍ଡବତ କରିବାକୁ ହେବ । ପୁଣି ସାଷ୍ଟାଙ୍ଗ ଦଣ୍ଡବତ । ଏହିପରି ବଡ଼ିଭୋରୁ ସୂର୍ଯ୍ୟାସ୍ତ ଯାଏ ଚାଲିବ । ରାତ୍ରିକାଳରେ ବିଶ୍ରାମ । ପରଦିନ ସକାଳୁ ସାଧନା ଆରମ୍ଭ । ଏଭଳି ଏକ ଦୃଢ଼ ସଂକଳ୍ପ ମନରେ ପୋଷଣ କରି ସାଧୁ ଚାଲିଲେ ପୁରୀ ଅଭିମୁଖେ । ଖରା ବର୍ଷା ଶୀତ କାକରକୁ ଖାତିର ନକରି ସେ ଚାଲିଥାନ୍ତି । ଦୁଇ କହୁଣି ଏବଂ ଆଣ୍ଠୁ ଭୂଇଁରେ ଘସି ହୋଇ ଛିଣ୍ଡି ଗଲାଣି । କେତେ ଦିନ ପରେ ସେ ଆସି ପହଞ୍ଚିଲେ ପୁରୀର ପ୍ରବେଶ ପଥ ଅଠରନଳାରେ । ସଂଧ୍ୟାବେଳେ ସେଇଠି ବିଶ୍ରାମ କରୁଛନ୍ତି, ଏହି ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅନ୍ତରଙ୍ଗ ସେବକ ବଡ଼ପଣ୍ଡା ଆସି ପହଞ୍ଚିଲେ ସେଠାରେ । ପଚାରିଲେ ତୁମେ ପଞ୍ଜାବରୁ ଆସିଥିବା ଦଣ୍ଡବତୀ ସାଧୁ ? ସାଧୁ ବିନୀତ ପ୍ରଣାମ କରି କହିଲେ, 'ହଁ ମୁଁ ପଞ୍ଜାବରୁ ଆସିଛି ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ।' ବଡ଼ପଣ୍ଡା କହିଲେ, ମହାପ୍ରଭୁଙ୍କର ଆଦେଶ, ଏଇଠାରୁ ବାହୁଡ଼ି ଯାଅ । ଶ୍ରୀକ୍ଷେତ୍ରରେ ପ୍ରବେଶ କର ନାହିଁ । ଏ କଥା ଶୁଣି ସାଧୁ କିଛି ବୁଝି ପାରିଲେ ନାହିଁ । ଭାବିଲେ କେହି ଜଣେ ପଣ୍ଡା ମୋ ଭଳି ଦରିଦ୍ର ଯାତ୍ରୀକୁ ଦେଖି ଏଭଳି ପରିହାସ କରି ଗଲେ ବୋଧହୁଏ । ତା ପରଦିନ ସକାଳୁ ଅଠରନଳାରୁ ବାହାରି ଦଣ୍ଡବତ କରି କରି ସାଧୁ ଯାଇ ପହଞ୍ଚିଲେ ସିଂହଦ୍ୱାରରେ । ସେଠାରେ ବଡ଼ପଣ୍ଡା ଠିଆ ହୋଇଛନ୍ତି । କହିଲେ, ମୁଁ ତୁମକୁ ମହାପ୍ରଭୁଙ୍କ ଆଜ୍ଞା ଜଣାଇ ଦେଇଥିଲି ଗତକାଲି ସଂଧ୍ୟାରେ ଅଠରନଳା ଠାରେ । ଆଜ୍ଞାକୁ ଅବକା କରି ତୁମେ ସିଂହଦ୍ୱାର ଯାଏ ଚାଲି ଆସିଲ କିପରି ? କାନ୍ଦ କାନ୍ଦ ସ୍ୱରରେ ଆଖିରୁ ଲୁହଧାରକୁ ପୋଛି ସାଧୁ ପଚାରିଲେ ମୋର ଅପରାଧ କ'ଣ ? ଏତେ ଦୂର ପଥରୁ ଦଣ୍ଡବତ ସାଧନା କରି କରି ଆସିଛି । ମହାପ୍ରଭୁ ମୋତେ ଏଭଳି ନିଷ୍ଠୁର ଆଜ୍ଞା ଦେଉଛନ୍ତି କାହିଁକି ?' ବଡ଼ପଣ୍ଡା କହିଲେ, ମହାପ୍ରଭୁ ମୋତେ ସ୍ୱପ୍ନରେ ସବୁକଥା କହି ଦେଇଛନ୍ତି । ଶୁଣିବ ? ଯଦି ଧୈର୍ଯ୍ୟ ଅଛି ତେବେ ଶୁଣ । ତୁମେ ଏବେ ସାଧକ ସାଜି ଏଠାକୁ ଆସିଛ । ଦ୍ୱାପର ଯୁଗରେ ମହାଭାରତ ଯୁଦ୍ଧରେ ତୁମେ କୌରବ ପକ୍ଷର ଜଣେ ସୈନିକ ବାଜାବାଲା ଥିଲ । ବୀରବାଦ୍ୟ ବଜାଇ ନିଜପକ୍ଷର ବୀରମାନଙ୍କୁ ଉତ୍ସାହିତ କରୁଥିଲ । ଅପରପକ୍ଷର ବୀରମାନଙ୍କୁ ନିରୁତ୍ସାହିତ କରୁଥିଲ । କୌରବ ପକ୍ଷର ସେନାପତି ମହାବୀର ଭୀଷ୍ମ, ଦୁର୍ଯ୍ୟୋଧନର ଖଳବାକ୍ୟ ସହି ନ ପାରି ପଞ୍ଚୁପାଣ୍ଡବଙ୍କୁ ହତ୍ୟା କରିବା ପାଇଁ ବାଣ ପ୍ରସ୍ତୁତ କରିଥିଲେ । ଏ କଥା ଜାଣିପାରି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ ସେହି ରାତିରେ ଯାଇ ଦୁର୍ଯ୍ୟୋଧନକୁ ସାକ୍ଷାତ କରିବାକୁ । ପାଞ୍ଚାଳ ରାଜ୍ୟର ଗୋଧନ ହରଣ କାଳରେ ଦୁର୍ଯ୍ୟୋଧନକୁ ବାଟରେ ଚିତ୍ରସେନ ଗନ୍ଧର୍ବ ବନ୍ଦୀକରି ନେଇ ଯାଇଥିଲା । ସେତିକିବେଳେ ଅର୍ଜୁନ ଚିତ୍ରସେନ ଗନ୍ଧର୍ବର ପଥରୋଧ କରିବାରୁ ସେ ଦୁର୍ଯ୍ୟୋଧନକୁ ଶୂନ୍ୟରୁ ତଳକୁ ଫିଙ୍ଗିଦେଲା । ଅର୍ଜୁନ ଶରରେ ପାହାଚ ସୃଷ୍ଟି କରି ଦୁର୍ଯ୍ୟୋଧନକୁ ମୃତ୍ୟୁମୁଖରୁ ରକ୍ଷା କରିଥିଲେ । ସେତିକିବେଳେ ରାଜା ଦୁର୍ଯ୍ୟୋଧନ ଅର୍ଜୁନଙ୍କୁ ଗୋଟିଏ ବର ଯାଚିଥିଲେ । ଅର୍ଜୁନ କହିଥିଲେ ଭାଇ 'ଦରକାର ବେଳେ ପରେ ମୁଁ ବରଟିକୁ ମାଗି ନେବି । ଦୁର୍ଯ୍ୟୋଧନ ସତ୍ୟଭଗ୍ନ ନକରି ସେହି ବର ଦେବ । ତୁମେ ଦୁର୍ଯ୍ୟୋଧନର ଶିରର ମୁକୁଟ ଆଜି ରାତିକ ପାଇଁ ମାଗିବ । ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଅର୍ଜୁନ ଗଲେ ଏବଂ ପୂର୍ବ ଦିନର ଘଟଣା ମନେ ପକାଇ ବର ମାଗିଲେ । ଦୁର୍ଯ୍ୟୋଧନ ହଡ଼ବଡ଼େଇ ଗଲେ । ଅର୍ଜୁନ କ'ଣ ମାଗିବ ରାଜସିଂହାସନ ! ନା କହିବ ଏଇଠାରୁ ମହାଭାରତ ଯୁଦ୍ଧ ବନ୍ଦ କରିଦେବାକୁ । ମରଦ୍‌କା ବାତ । ଯାହା ମାଗୁ ସତ୍ୟ କରିଛି ଯେତେବେଳେ ନିଶ୍ଚୟ ଦେବି । କହିଲେ ହଁ ଭାଇ ଅର୍ଜୁନ, ମାଗ, ଯାହା ତୁମର ଇଚ୍ଛା ମାଗ । ମୁଁ ଦେବାକୁ ପ୍ରସ୍ତୁତ ଅଛି । ଅର୍ଜୁନ ବିନୀତ କଣ୍ଠରେ କହିଲେ ଭାଇ, ଆଜି ରାତିକ ପାଇଁ ଆପଣଙ୍କ ଶିରର ମୁକୁଟ ମୋତେ ଦିଅନ୍ତୁ । ପ୍ରଭାତ କାଳରେ ମୁଁ ତାହା ଫେରାଇ ଦେବି । ମହାମାନୀ ଦୁର୍ଯ୍ୟୋଧନ ହାସ୍ୟରୋଳ କରି କହିଲେ ଅର୍ଜୁନ ! ତୁ ସିନା ବୀର । ଶ୍ରେଷ୍ଠ ଧନୁର୍ଦ୍ଧର । ତୋର ବୁଦ୍ଧି ବୋଲି କିଛି ନାହିଁ । ଠିକ୍ ଅଛି, ନେ ମୋର ଏଇ ମୁକୁଟଟି ନେଇଯା । ଅର୍ଜୁନ ମୁକୁଟଟି ଧରି ଫେରି ଆସିଲେ । ଶ୍ରୀକୃଷ୍ଣଙ୍କୁ ଦେଖାକଲେ । ଶ୍ରୀକୃଷ୍ଣ କହିଲେ, ଏଇ ମୁକୁଟ ପିନ୍ଧିଲେ ତୁମେ ଦୁର୍ଯ୍ୟୋଧନ ପରି ଦେଖାଯିବ । ଦୁର୍ଯ୍ୟୋଧନ ସାଜି ଆଜି ରାତିରେ ଯାଇ ପିତାମହ ଭୀଷ୍ମଙ୍କୁ ଦେଖା କର । କହିବ ପିତାମହ ! ଆପଣ ପ୍ରିୟ ପାଣ୍ଡବମାନଙ୍କୁ ହତ୍ୟା କରିପାରିନେ ନାହିଁ । ପାଞ୍ଚଗୋଟି ଶର ବାଛି ରଖିଛନ୍ତି ସତ । ଯୁଦ୍ଧକ୍ଷେତ୍ରକୁ ଯିବାବେଳେ ତାହା ନେବେ ନାହିଁ । ସେ ବାଣଗୁଡ଼ିକ ମୋତେ ଦେଇ ଦିଅନ୍ତୁ । ମୁଁ କାଲି ଯୁଦ୍ଧ କ୍ଷେତ୍ରକୁ ଯିବାବେଳେ ଆପଣଙ୍କ ତୂଣୀରରେ ସଜାଇ ରଖିଦେବି । ପିତାମହ ବାଣଗୁଡ଼ିକ ତୁମ ହାତକୁ ଦେଇଦେଲେ ତୁମେ ଚୁପ୍‌ଚାପ ଚାଲି ଆସିବ । ଶ୍ରୀକୃଷ୍ଣଙ୍କ ପରାମର୍ଶ ଅନୁଯାୟୀ ଅର୍ଜୁନ ଦୁର୍ଯ୍ୟୋଧନ ବେଶରେ ପିତାମହଙ୍କ ଶିବିରକୁ ଗଲେ । ଅର୍ଦ୍ଧ ରାତ୍ରିରେ ଛଦ୍ମବେଶୀ ଦୁର୍ଯ୍ୟୋଧନ ରୂପୀ ଅର୍ଜୁନକୁ ଦେଖି ପିତାମହ କହିଲେ ମୁଁ ପାଞ୍ଚଟି ଶର ବାଛି ରଖିଛି । ପୁଣି କାହିଁକି ଆସିଲ ? ଛଦ୍ମବେଶୀ ଅର୍ଜୁନ କହିଲେ ମୋର ବିଶ୍ୱାସ ହେଉନାହିଁ ଆପଣ ସେ ବାଣ ଗୁଡ଼ିକ ଯୁଦ୍ଧଭୂମିକୁ ନେଇ କରି ଯିବେ ବୋଲି । ସେଗୁଡ଼ିକ ମୋ ପାଖରେ ରଖି ଦିଅନ୍ତୁ । ମୁଁ ଠିକ୍ ସମୟରେ ଆପଣଙ୍କ ପାଖରେ ପହଞ୍ଚାଇ ଦେବି । ଏ କଥା ଶୁଣି ପିତାମହ ବିରକ୍ତ ହୋଇ କହିଲେ ପିତାମହଙ୍କ ଉପରେ ତୁମର ଭରସା ନାହିଁ । ତେବେ ନେଇଯାଅ ଏଇ ପାଞ୍ଚଗୋଟି ଶର । ଅର୍ଜୁନ ପାଞ୍ଚବାଣ ଧରି ଆପଣା ଶିବିରକୁ ଫେରି ଆସିଲେ । ପାଣ୍ଡବମାନଙ୍କ ଶିବିରରେ ଆନନ୍ଦର ଲହରୀ ଖେଳିଗଲା । ଭୀଷ୍ମ ଯେତେବେଳେ ଜାଣିଲେ ବାଣ ହରଣ ହୋଇଯାଇଛି, ସେ ଭାବିଲେ ଏ ସବୁ ସେଇ ନଟକୁଟିଆ ଶ୍ରୀକୃଷ୍ଣଙ୍କ ଖେଳ । କାଲି ଯୁଦ୍ଧ ଭୂମିରେ ଧରଣୀକୁ ଅପାଣ୍ଡବା କରିବି ବୋଲି ମୁଁ ପ୍ରତିଜ୍ଞା କରିଥିଲି । ଭୀଷ୍ମଙ୍କ ପ୍ରତିଜ୍ଞାକୁ ଭାଙ୍ଗି ଦେଲେ ଶ୍ରୀକୃଷ୍ଣ । ଆଚ୍ଛା ! ସେ ନିଜେ ପ୍ରତିଜ୍ଞା କରିଛନ୍ତି ଯୁଦ୍ଧ କ୍ଷେତ୍ରରେ ଅସ୍ତ୍ର ଧାରଣ କରିବେ ନାହିଁ ବୋଲି । ଆଜି ମୁଁ ତାଙ୍କ ପ୍ରତିଜ୍ଞାକୁ ଭାଙ୍ଗିଦେବି । ଠିକ୍ ସମୟରେ ଯୁଦ୍ଧର ଭେରୀ ଏବଂ ବୀରବାଦ୍ୟ ବାଜିଲା । ଶଂଖ ଫୁଙ୍କି ଯୁଦ୍ଧ ଆରମ୍ଭ କଲେ ମହାବୀର ଭୀଷ୍ମ । ତାଙ୍କୁ ସାମ୍ନା କଲେ ନନ୍ଦିଘୋଷର ମହାରଥୀ ଅର୍ଜୁନ ଏବଂ ସାରଥି ଶ୍ରୀକୃଷ୍ଣ । ପିତାମହ ମହାରଥୀଙ୍କୁ ଶର ନମାରି ସାରଥିଙ୍କୁ ଶର ନିକ୍ଷେପ କଲେ ଏବଂ ବିନା ଅସ୍ତ୍ରରେ ବସି ଅଶ୍ୱ ଚାଳନା କରୁଥିବା ଶ୍ରୀକୃଷ୍ଣଙ୍କୁ ଅସ୍ତବ୍ୟସ୍ତ କରି ପକାଇଲେ । ବିବ୍ରତ ଶ୍ରୀକୃଷ୍ଣ ରଥରୁ ତଳକୁ ଡେଇଁ ପଡ଼ିଲେ । ସୁଦର୍ଶନ ଚକ୍ରକୁ ଆବାହନ କଲେ । ଭୀଷ୍ମଙ୍କ ରଥ ଉପରକୁ ଉଠିଯାଇ କହିଲେ ଏବେ ମୁଁ ତୁମର ଶିରଛେଦନ କରିବି । ପିତାମହ ଧନୁ ଓ ଶରକୁ ରଥ ଉପରେ ରଖି ଦେଇ କରପତ୍ର ଯୋଡ଼ି ପ୍ରାର୍ଥନା କଲେ । କହିଲେ ମୁଁ ଏଇ ରୂପରେ ଆପଣଙ୍କୁ ଦେଖିବାକୁ ଚାହୁଁଥିଲି । ଆପଣ ଭୀଷ୍ମର ପ୍ରତିଜ୍ଞା କପଟ କରି ଭାଙ୍ଗିଛନ୍ତି । ଆପେ ପ୍ରତିଜ୍ଞା କରିଥିଲେ ଯୁଦ୍ଧଭୂମିରେ ଅସ୍ତ୍ର ଧରିବେ ନାହିଁ ବୋଲି । ଏବେ ସୁଦର୍ଶନଧାରୀ ମହାପ୍ରଭୁ ମୋ ଆଗରେ ଦଣ୍ଡାୟମାନ । ଭଗବାନ ଶ୍ରୀକୃଷ୍ଣଙ୍କ ମୁଖମଣ୍ଡନ ଲାଜରେ ଲାଲ ପଡ଼ିଗଲା । ସେ ଭୀଷ୍ମଙ୍କ ରଥ ଉପରୁ ତଳକୁ ଓହ୍ଲାଇ ଆସିଲେ । ସୁଦର୍ଶନ ଧାରଣ କଲେ ନାହିଁ । ଏତିକିବେଳେ କୌରବମାନଙ୍କ ପକ୍ଷରୁ ଲଜ୍ୟା ଲଜ୍ୟା ଧ୍ୱନି ଶୁଣାଗଲା । ବୀରମାନେ ଟିଟିକାର କଲେ । ବୀରବାଦ୍ୟ ବଜାଉଥିବା ସୈନିକ ଜଣକ ଶ୍ରୀକୃଷ୍ଣଙ୍କ ଚାରିପାଖେ ଘୁରିବୁଲି ତାଙ୍କୁ ସତ୍ୟଭଗ୍ନ କଥା କହି ବିରକ୍ତ କଲା । ଥୟ ଧରି ରଖାଇ ଦେଲାନାହିଁ । ସେବକାଳର ସେହି ସୈନିକ ଏବକାଳେ ସାଧକ ସାଜି ଆସିଛି ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ । ମହାପ୍ରଭୁ ତାକୁ ଜମା ଦର୍ଶନ ଦେବେ ନାହିଁ । ଏପିରି ଲମ୍ବା କାହାଣୀ ବଡ଼ପଣ୍ଡାଙ୍କ ମୁହଁରୁ ଶୁଣି ଦଣ୍ଡବତୀ ସାଧୁ ଲୁହ ଛଳ ଆଖିରେ ପତିତ ପାବନ ନେତକୁ ଚାହିଁଲେ । କହିଲେ, 'ମହାପ୍ରଭୁ ! ଦ୍ୱାପରଯୁଗ ଯାଇ କଳିଯୁଗ ଆସି ଯାଇଛି । ଯୁଗ ଯୁଗ ଧରି ଆପଣ ଏ ଅଧମକୁ ମନେ ରଖିଛନ୍ତି । ସେତିକିରେ ମୋ ଜୀବନ ଧନ୍ୟ ହେଉଛି । ମୁଁ ବାଇଶି ପାହାଚ ଉଠି ବଡ଼ଦେଉଳ ଗମ୍ଭୀରାକୁ ଯିବାର ଆବଶ୍ୟକତା ମେଣ୍ଟି ଯାଇଛି । ମୋ ଜୀବନ ଧନ୍ୟ ହୋଇଯାଇଛି ।



*● ଶଂକର୍ଷଣ ମଂଗରାଜ (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*

*ସୌଜନ୍ୟ-* OMC ODISHA NEW OPPORTUNITIES

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : jagannath.or@nic.in * Web Site : www.shreejagannatha.in**
**Printed at : Rama Press, North Gate, Puri**
ମୂଲ୍ୟ : ଦୁଇଟଙ୍କା ମାତ୍ର